# Akashvani, Sambalpur

# SAMBALPURI NEWS BULLETIN

## 1 May 2024- 6.47- 6.52 am.

*********************************************

ପହେଲା ଖେପ୍ ପ୍ରାର୍ଥୀପତ୍ର ଯାଂଚ୍ ଶେଷ୍  ଆର୍‌ଏନ୍‌ୟୁ/ କଟକ୍

ରାଏଜେ ପହେଲା ଖେପ୍ ସାଧାରଣ୍ ନିର୍ବାଚନ୍ ଲାଗି ନାମାଙ୍କନ୍ ପତ୍ର ପ୍ରତ୍ୟାହାର ଶେଷ୍ ହେବାର୍ ଉତ୍ରୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ବାହାରିଛେ । ଇ ଖେପେ ୪ ଟା ଲୋକ୍‌ସଭା ଆସନ୍  କଲାହାଣ୍ଡି, ବ୍ରହ୍ମପୁର୍, ନବରଙ୍ଗ୍‌ପୁର୍ ଆର୍ କୋରାପୁଟ୍ ଲାଗି ୩୭ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କର୍‌ବେ । ସେନ୍ତା ଇତାର୍ ଅଧିନ୍‌ଥି ଥିବା ୨୮ ଟା ବିଧାନ୍‌ସଭା ଆସନ୍ ଲାଗି ୨ ଶହ ୪୩ ଝନ୍ ପ୍ରାର୍ଥୀ ନିର୍ବାଚନ୍ ଲଢ଼୍‌ବେ । ଇମାନ୍‌କର୍ ଭିତ୍‌ରେ ବ୍ରହ୍ମପୁର୍ ବିଧାନ୍‌ସଭା ଆସନ୍‌ନୁ ସବୁନୁ ଅଏତ୍‌କା ୧୭ ଝନ୍ ପ୍ରାର୍ଥୀ ରହିଛନ୍ ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟ ନୁ ସୂଚ୍‌ନା ମିଲିଛେ । ଇ ଖେପେ ବିଧାନ୍‌ସଭା ଆସନ୍ ଲାଗି ମୋଟ୍ ୨ ଶହ ୫୬ ଝନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଥିବାର୍ ବେଲେ ୧୩ ଝନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ପ୍ରତ୍ୟାହାର୍ କରିଛନ୍ ।  ଇନ ଜନେଇ

ଦିଆଯାଇପାରେ ଯେ, ଇ ଆସନ୍ ମାନ୍‌କର୍ ଲାଗି ଆଏବା ୧୩ ତାରିଖ୍ ଦିନ ଭୋଟ ହେବା ।

ମୋଟ୍ ଭୋଟର୍ ତଥ୍ୟ ଏନ୍ଏସ୍‌ଡି

ଲୋକ୍‌ସଭା ନିର୍ବାଚନ୍-୨୦୨୪ ର ପହେଲା ଆର୍ ଦୁଇ ନମ୍ବର୍ ଖେପ୍‌ଥି ମତଦାନ୍ କରିଥିବା ମୋଟ୍ ଭୋଟର୍‌ଙ୍କର୍ ବାବ୍‌ଦେ ଭାରତ୍‌ର ନିର୍ବାଚନ୍ କମିଶନ୍ ତଥ୍ୟ ପ୍ରକାଶ୍ କରିଛନ୍ । ସୂଚ୍‌ନା ଅନ୍‌ସାରେ ପହେଲା ଖେପେ ଶହେ ୨ ଟା ସଂସଦୀୟ କ୍ଷେତ୍ର ଲାଗି ୬୬ ଦଶ୍‌ମିକ୍ ୧/୬ ପ୍ରତିଶତ୍ ଭୋଟର୍ ଆର୍ ୨ ନମ୍ବର୍ ଖେପେ ୮୮ ଟା ସଂସଦୀୟ କ୍ଷେତ୍ର ଲାଗି ୬୬ ଦଶ୍‌ମିକ୍ ୭/୧ ପ୍ରତିଶତ୍ ଭୋଟର୍ ସଂଖ୍ୟା ରେକର୍ଡ଼ କରାଯାଇଛେ ।

ପ୍ରାକ୍-ବାତ୍ୟା ପ୍ରସ୍ତୁତି ବୈଠକ ପ୍ରେସ ରିଲିଜ

ଚଲ୍‌ତି ବଛର୍ ଖରାଦିନିଆ ବାତ୍ୟା ସମ୍ଭାବନାର୍ ମୁକାବିଲାକେ ନେଇକରି ରାଜ୍ୟ ପ୍ରଶାସନିକ୍ ସ୍ତରଥି ପ୍ରାକ୍ ବାତ୍ୟା ପ୍ରସ୍ତୁତି ବୈଠକ୍ ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ କୁମାର୍ ଜେନାଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଯାଇଛେ । ଆଘର୍ ବଛର୍

ମାନ୍‌କର୍ ଅନୁଭୂତି ଆର୍ ଅଭିଜ୍ଞତାକେ ନେଇକରି ସବୁ ପ୍ରକାରର୍ ପ୍ରସ୍ତୁତି ଜାରି ରଖିବାର୍‌କେ ବୈଠକ୍‌ଥି ସଂପୃକ୍ତ ବିଭାଗ୍ ଆର୍ ସହଯୋଗୀ ସଂସ୍ଥାମାନ୍‌କେ ମୁଖ୍ୟ ଶାସନ୍ ସଚିବ ନିର୍ଦ୍ଦେଶ୍ ଆର୍ ପରାମର୍ଶ ଦେଇଛନ୍ । ବୈଠକ୍‌ଥି ଉନ୍ନୟନ୍ କମିଶନର୍ ଅନୁ ଗର୍ଗ, ରାଜସ୍ୱ ଆଉ ପିପର୍ଯ୍ୟୟ ପରିଚାଳନା ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ସତ୍ୟବ୍ରତ ସାହୁଙ୍କର୍ ସହେତେ ୧୮ ଟା ବିଭାଗ୍ ଆର୍ ସଂସ୍ଥାର୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ । ଓଡ୍ରାଫ୍ ଆର୍ ଏନ୍‌ଡିଆର୍‌ଏଫ୍ କେ ସଜାଗ୍ ରହେବାର୍‌କେ ଭିଲ୍ ମୁଖ୍ୟ ଶାସନ୍ ସଚିବ ପରାମର୍ଶ ଦେଇଛନ୍ ।

ଶ୍ରମିକ୍ ଦିବସ          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଆନ୍ତର୍ଜାତୀୟ ଶ୍ରମିକ୍ ଦିବସ୍ । ଶ୍ରମିକ୍‌ମାନ୍‌କୁ ସେମାନ୍‌କର୍ ନ୍ୟାୟ, ଦାବି, ଅଧିକାର୍ ଆର୍ ସୁବିଧା ଯୁଗେଇ ଦେବାର୍ ଲାଗି ଆନ୍ତର୍ଜାତୀୟ ଶ୍ରମିକ ସଂସ୍ଥା ତର୍‌ଫୁ ଇ ଦିବସ୍ ପାଲନ୍ କରାଯାଉଛେ । ପୁର୍‌ଥିର୍ ଅଧାନୁ ଅଏତ୍‌କା ଦେଶେ ଶ୍ରମିକ ଦିବସ୍ ପାଲନ୍ କରାଯାଉଛେ । ଆଝିର୍ ଦିନ୍‌କେ ‘ମେ ଦିବସ୍’ ଭାବେ ଭିଲ୍ ପାଲନ୍ କରାଯାଉଛେ । ଆମେରିକା ନ ୧୯୮୬ ମସିହାଥି ପାଖାପାଖି ୨ ଲାଖ୍ ଶ୍ରମିକ୍ କାମ୍ କର୍‌ବାର୍

ସମିଆ ଧାରିଜ୍ କର୍ବାର୍ ଲାଗି ଆନ୍ଦୋଲନ୍ କରିଥିଲେ । ଶ୍ରମିକ୍ମାନ୍କର୍ ଦାବିକେ ସମ୍ମାନ୍ ଜନେଇକରି ଅନ୍ତର୍ଜାତୀୟ ସୋସିଆଲିଷ୍ଟ କନ୍ଫରେନ୍ସ ୧୮୮୯ ମେ ୧ ତାରିଖ୍କେ ଶ୍ରମିକ୍ ଦିବସ୍ ଭାବେ ଘୋଷ୍ନା କରିଥିଲା । ଭାରତ୍ ନ ୧୯୨୩ ମସିହାଥି ପହେଲା ଥର୍ ଲାଗି ଶ୍ରମିକ୍ ଦିବସ୍ ପାଲନ୍ କରାଯାଇଥିଲା ।

ରାଜ୍ୟପାଲ୍ ରଘୁବର୍ ଦାସ ରାଜ୍ୟର୍ ଶ୍ରମିକ୍ମାନ୍କୁ ମେ ଦିବସ୍ ଅବ୍ସରେ ଶୁଭକାମନା ଜନେଇଛନ୍ । ଶ୍ରମିକ୍ମାନେ ନିଜର୍ ନିଜର୍ ପରିସର୍ଥି ନିଷ୍ଠାପର ଭାବେ କାମ୍ କରିକରି ନିଜର୍ ଲାଗି ଆର୍ ରାଜ୍ୟର୍ ଲାଗି ଗରବ୍ ଆର୍ ଗୌରବ୍ ଆନୁନ୍ ବଲି ରାଜ୍ୟପାଲ୍ ଆହ୍ବାନ୍ ଦେଇଛନ୍ ।

ୟୁପିଏସ୍ସି ପରୀକ୍ଷା- ମାହାଲିଆ କୋଚିଂ

ଆର୍ଏନ୍ୟୁ / ସମ୍ବଲପୁର

ସଂଘ ଲୋକସେବା ଆୟୋଗ୍-ୟୁପିଏସ୍ସି ସିଭିଲ୍ ସର୍ଭିସ୍ ପରୀକ୍ଷା ଲାଗି ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ମାହାଲିଆ କୋଚିଂ ଦେବାର୍କେ ପ୍ରବେଶିକା ପରୀକ୍ଷା ଆଏବା ୫ ତାରିଖ୍ ଦିନ କରାଯିବା । ହେଥିର୍ଲାଗି ୩ ହଜାର୍ ୭ ଶହ ୩୧ ଝନ୍

ପରୀକ୍ଷାର୍ଥୀ ଆବେଦନ୍ କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ୨୦୨୪-୨୫ ବଛର୍ ଲାଗି ୟୁପିଏସ୍ସି ଆବାସିକ କୋଚିଂ ପ୍ରକ୍ରିୟା ମୁଲ୍ କରାଯାଇଛେ । ଇ ବାବ୍ଦେ ଗଲା ମାସ ୨ ତାରିଖ୍ ଆବେଦନ୍ ପ୍ରକ୍ରିୟା ସରିଥିଲା ।

ଆର୍ଥିକ ଅନଗ୍ରସର ପିଲା- ନାଁଲେଖା/ଆର୍ଏନ୍ୟୁ / ସମ୍ବଲପୁର

ଘରୋଇ ସ୍କୁଲ୍ମାନ୍କେ ଆର୍ଥିକ୍ ଅନଗ୍ରସର୍ ଶ୍ରେଣୀର ଛୁଆମାନ୍କୁ ମାହାଲିଆ ପାଠ୍ପଢ଼ା ଲାଗି ୨ ନମ୍ବର୍ ଖେପେ ନାଁଲେଖା ମୁଲ୍ ହେଇଛେ । ଇ ଖେପେ ଲଟ୍ରୀ ଜରିଏ ନାଁ ଫିଟିଥିବା ଛୁଆମାନେ ଇ ମାସର୍ ୧୫ ତାରିଖ୍ତକ୍ ବଛାଯାଇଥିବା ସ୍କୁଲ୍ ମାନ୍କେ ନାଁ ଲେଖେଇପାର୍ବେ । ଇ ବାବ୍ଦେ ଶିକ୍ଷା ଅଧିକାର୍ ଆଇନ୍- ଆର୍ଟିଇ ପାରଦର୍ଶୀ ପୋର୍ଟାଲ୍ଥି ପ୍ରକ୍ରିୟା ମୁଲ୍ ହେଇଛେ ।

ବିଏଡ୍- ନାଁଲେଖା ଆର୍ଏନ୍ୟୁ / ସମ୍ବଲପୁର

ଚଲ୍ତି ଶିକ୍ଷା ବଛରେ ବିଏଡ୍ଥି ନାଁ ଲେଖାବାର୍ ଲାଗି ଆଂଚଲିକ୍ ଶିକ୍ଷା ପ୍ରତିଷ୍ଠାନ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ । ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ୍ ଆର୍ ପ୍ରଶିକ୍ଷଣ ପରିଷଦ୍- ଏନ୍ସିଇଆର୍ଟି ତର୍ଫୁ

ଇଥିର୍‌ଲାଗି ଏକକ ପ୍ରବେଶିକା ପରୀକ୍ଷା କରାଯିବା । ଆଗ୍ରହୀ ପ୍ରାର୍ଥୀମାନେ ଇ ମାସର୍ ୩୧ ତାରିଖ୍‌ତକ୍ ଅନ୍‌ଲାଇନ୍ ଜରିଏ ଆବେଦନ୍ କରିପାର୍‌ବେ । ଜୁନ୍ ୧୬ ତାରିଖ୍ ପରୀକ୍ଷା କରାଯିବା ।

ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ- ସମ୍ବଲପୁର

ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ଗଲାକାଏଲ୍ ନିର୍ବାଚନ୍ ଖର୍ଚ୍ଚାକେ ନେଇକରି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବ୍ୟୟ ପର୍ଯ୍ୟବେକ୍ଷକ ରାଜ୍‌କୁମାର୍ ଆର୍. ମକ୍‌ୱାନା ଆଉ ବିନିତ୍ କୁମାର୍‌ଙ୍କର୍ ଅଧ୍ୟକ୍ଷତାଥି ବୈଠକ୍ ହେଇଥିଲା । ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍ ଜିଲ୍ଲା ନ ନିର୍ବାଚନ୍‌କେ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଆଉ ଶାନ୍ତିଶୃଙ୍ଖଲା ସହେତେ କର୍‌ବାର୍ ଦିଗେ ଆର୍ ବ୍ୟୟ ବାବ୍‌ଦେ ଭାରତ୍‌ର ନିର୍ବାଚନ୍ କମିଶନ୍‌ଙ୍କର୍ ସବୁ ନିୟମ୍‌କେ କଡ଼ାକଡ଼ି ଭାବେ ପାଳନ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର ପଶ୍ଚିମ-ପଶ୍ଚିମ ଦିଗ୍‌ନୁ ଶୁଖା ପବନ ଆର୍ ଉଚ ସୌର ତାପମାତ୍ରା ଲାଗି ଆଏବା ୩ ନୁ ୪ ଦିନ୍ ତକ୍ ରାଜ୍ୟର କିଛି ଜିଲ୍ଲା ନ ତାତି ସ୍ୱାଭାବିକ୍ ଠାନୁ ୩ରୁ ୬ଡିଗ୍ରୀ ସେଲ୍‌ସିୟସ୍ ଅଏତ୍‌କା ରହେବା । ଇ ନେଇ ଆଂଚଲିକ ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ତର୍‌ଫୁ ସୂଚନା ମିଳିଛେ । ଜହ ଖରାକେ ନଜରଥି ରଖି କରି ଆଏଜ୍ ସୁନ୍ଦରଗଡ, ଝାରସୁଗୁଡା, ବୌଦ୍ଧ ସହେତେ ୧୧ଟା ଜିଲ୍ଲାକେ ରେଡ୍ ଆଲର୍ଟ ଜାରି କରାଯାଇଛେ । ସେଆଡେ ଗଲାକାଏଲ୍ ରାଏଜେ ବାରିପଦା ନ ସବୁନୁ ଜହ ତାତି ୪୬ ଦଶମିକ ୪ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା ।